SAMBAD
ସମ୍ବାଦ
Largest circulated odia daily

Admissions open
KALINGA BHARATI RESIDENTIAL COLLEGE
BHUBANESWAR +2 SCIENCE COLLEGE
MODEL +2 SCIENCE COLLEGE
Corporate Office : Padhee's Tutorial Pvt.Ltd.1, Satyanagar, Bhubaneswar, Ph : 2505680, 2531158, Fax : - 0674 - 2534190, email:-ptpl_bbsr@sify.com
A joint venture of PADHEE'S TUTORIAL PVT. LTD.
The ideal Gurukul +2 Sc. college.



କେନ୍ଦ୍ରକୁ ହାଇକୋର୍ଟ ନିର୍ଦ୍ଦେଶ: ଭୁବନେଶ୍ୱରରେ ଏନ୍‌ଆଇଏସ୍‌ଇଆର୍ ଖୋଲ, ଅଗଷ୍ଟରୁ ପାଠ ପଢ଼ାଅ; ଫରେଷ୍ଟରଙ୍କୁ ଗୁଳିକରି ହତ୍ୟା; ମଦୁରାଇ, ଦିନାକରଣ ଅଫିସ୍‌ରେ ଆକ୍ରମଣ, ୩ ମୃତ; ସପ୍ତମ ଶ୍ରେଣୀ ପରୀକ୍ଷା, ଆନ୍ଧ୍ରରେ ସବୁ

ତାରିଖ : ୯/୫/୨୦୦୭

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |



ଆଇଆଇଟି ଦାବିରେ ଓଡ଼ିଶା ସାଂସଦଙ୍କ ଧାରଣା---

## ଆଇଆଇଟି ଦାବିରେ ଓଡ଼ିଶା ସାଂସଦଙ୍କ ଧାରଣା

ନୂଆଦିଲ୍ଲୀ (ଇମିସ): ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ଦାବି କରି ଗତକାଲି ରାଜ୍ୟର ବିଜେଡି-ବିଜେପି ସାଂସଦମାନେ ସଂସଦ ଭବନ ସମ୍ମୁଖରେ ଧାରଣା ଦେଇଥିଲେ । ମଙ୍ଗଳବାରଦିନ କେନ୍ଦ୍ର ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ହୋଇପାରିବ ନାହିଁ ବୋଲି ସ୍ପଷ୍ଟ କରିଦେବା ପରେ ଗତକାଲି ପୂର୍ବାହ୍ନରେ ରାଜ୍ୟର ବିଜେଡି-ବିଜେପି ସାଂସଦ ମାନେ ପ୍ରତିବାଦ ଜଣାଇ ଏହି ଧାରଣା ଦେଇଥିଲେ । ଓଡ଼ିଶା ପ୍ରତି କେନ୍ଦ୍ର ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରି ଏହି ସାଂସଦମାନେ ଓଡ଼ିଶାର ଦାବିକୁ ଦଳ ମତ ନିର୍ବିଶେଷରେ ସମସ୍ତେ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ । ଓଡ଼ିଶାରେ ଏକ ସ୍ୱୟଂସଂପୂର୍ଣ୍ଣ ଆଇଆଇଟି, ଆଇଆଇଏମ୍ ଓ ଆଇଆଇଆଇଟି କିମ୍ବା ଗୋଟିଏ ଆଇଏସ୍‌ଆଇ ଖୋଲିବାକୁ ଏହି ସାଂସଦମାନେ ଦାବି କରିଛନ୍ତି । ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାର ଦିଲ୍ଲୀରେ ମୁଣ୍ଡପିଛା ୧୮୩.୦୮ ଟଙ୍କା, ପଶ୍ଚିମବଙ୍ଗରେ ୪୧.୨୦ ଟଙ୍କା, କର୍ଣ୍ଣାଟକରେ ୩୪.୪ ଟଙ୍କା ଓ ତାମିଲନାଡୁରେ ୨୭ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଓଡ଼ିଶା ଭାଗରେ ପଡୁଛି ମାତ୍ର ୪ ଟଙ୍କା ୭ ପଇସା । ଏହାକୁ ସାଂସଦମାନେ ନିନ୍ଦା କରିଛନ୍ତି । ସେହିଭଳି କ୍ରୋମାଇଟ୍ ଓ ଲୁହାପଥରକୁ କେନ୍ଦ୍ର ରାଜ୍ୟରୁ କୋଟି କୋଟି ଟଙ୍କା ଆଦାୟ କରୁଥିବା ବେଳେ ଅଧିକ ଖର୍ଚ୍ଚକୁ ଆଳ କରି ଓଡ଼ିଶାରେ ଆଇଆଇଟି ଖୋଲାନଯିବା ବିଷୟକୁ ନେଇ ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି । ଗତକାଲିର ଧାରଣା କାର୍ଯ୍ୟକ୍ରମରେ ବିଜେଡି ସାଂସଦ ବୈଜୟନ୍ତ ପଣ୍ଡା, ପ୍ୟାରୀମୋହନ ମହାପାତ୍ର, ପ୍ରସନ୍ନ ଆଚାର୍ଯ୍ୟ, ପ୍ରସନ୍ନ ପାଟ୍ଟଶାଣୀ, ଅର୍ଜୁନ ସେଠୀ, ମୋହନ ଜେନା, ବ୍ରହ୍ମାନନ୍ଦ ପଣ୍ଡା, ସୁଗ୍ରୀବ ସିଂହ, ପ୍ରମିଳା ବହିଦାର, ବ୍ରଜକିଶୋର ତ୍ରିପାଠୀ, ଭର୍ତ୍ତୃହରି ମହତାବ ଓ ବିଜେପିର ରୁଦ୍ର ପାଣି, ଭାଗୀରଥି ମାଝୀ, ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଧାରଣା ଦେଇଥିଲେ । ଏହି ସାଂସଦମାନଙ୍କ ଦାବିକୁ ସମର୍ଥନ କରି ଶିରୋମଣି ଅକାଳିଦଳ ସାଂସଦ ସୁଖଦେବ ସିଂହ ଧିଣ୍ଡସା ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳାକୁ ସମାଲୋଚନା କରିଥିଲେ । ସାଂସଦ ଶ୍ରୀ ପଣ୍ଡା କହିଥିଲେ ଯେ କେନ୍ଦ୍ର ସରକାର କ୍ରମାଗତ ଭାବେ ଓଡ଼ିଶା ପ୍ରତି ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି । କେନ୍ଦ୍ରର ଏ ପ୍ରକାର ଅବିଚାରକୁ ଆଉ ବରଦାସ୍ତ କରାଯିବ ନାହିଁ । ଶିକ୍ଷା କ୍ଷେତ୍ରରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଯେଉଁ ଅର୍ଥ ବରାଦ କରିଛନ୍ତି ତା' ମଧ୍ୟ ଓଡ଼ିଶା ପାଇଁ ନୈରାଶ୍ୟଜନକ । ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସାଂସଦମାନଙ୍କ ଏହି ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ପଣ୍ଡା କହିଥିଲେ ।

ମୂଖ୍ୟଖବର

- ମାଓବାଦୀ ହିଂସା, ଫରେଷ୍ଟରଙ୍କୁ ଗୁଳିକରି ହତ୍ୟା
- କେନ୍ଦ୍ରକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ; ଭୁବନେଶ୍ୱରରେ ଏନ୍‌ଆଇଏସ୍ ଇ ଆର୍ ଖୋଲ, ଅଗଷ୍ଟରୁ ପାଠ ପଢ଼ାଅ
- ଆନ୍ଧ୍ରରେ ସବୁ ଓଡିଆ ଛାତ୍ରଛାତ୍ରୀ ଫେଲ୍
- ମଦୁରାଇ: 'ଦିନାକରଣ' ଅଫିସ୍‌ରେ ଆକ୍ରମଣ, ୩ ମୃତ
- ଓଡ଼ିଶା ପୁଲିସ୍-ବିହାରୀ ଅପରାଧୀ ସଂପର୍କ ଭିଡିଓ ଟେପ୍‌ରେ
- ଆଇଆଇଟି ଦାବିରେ ଓଡ଼ିଶା ସାଂସଦଙ୍କ ଧାରଣା
- ୨୦୧୦ ସୁଦ୍ଧା ରାଜ୍ୟର ଶକ୍ତି ଚାହିଦା ୩୬୩୩ ମେଗାୱାଟ୍
- 'ପୃଥ୍ୱୀ' ର ସଫଳ ପରୀକ୍ଷଣ
- କେନ୍ଦ୍ରର ନିଷ୍ପତ୍ତି ଆଶ୍ଚର୍ଯ୍ୟଜନକ: ମୁଖ୍ୟମନ୍ତ୍ରୀ
- କେନ୍ଦ୍ରର ନିଷ୍ପତ୍ତି ଆଶ୍ଚର୍ଯ୍ୟଜନକ: ମୁଖ୍ୟମନ୍ତ୍ରୀ
- ବେଦାନ୍ତ, ଡିଏଲ୍‌ଏଫକୁ ଏସ୍‌ଇଜେଡ୍ ମଞ୍ଜୁରି

Click here for WEB ADVERTISEMENT TARIFF CLICK
Non-Resident Oriyas
Please Register yourself in our Newsletter.
SPACE FOR BANNER
SPACE FOR BANNER
SPACE FOR BANNER
SPACE FOR BANNER
SPACE FOR BANNER



କଟାକ୍ଷ




ବିତର୍କ/ମତାମତ ସଂଗ୍ରହ

**Poll ID 0 does not exist.**

**News letter**

**Newsletter Signup**

Name*

Email*

Subscribe

Unsubscribe

Make your attractive website with domain name booking and web space only @ **INR 2999**/- * for further information contact info@modulesoft.com or call us at +91-674-3292837 ** I

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768